## ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶୁକ୍ରବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୭୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତମାନେ ତାଳଚେର ବ୍ଲକ ଅଞ୍ଚଳର ବୋଲି ସୂଚନା ପ୍ରଦାନ କରାଯାଇଛି।

# ସଂକ୍ଷେପରେ

## ନୂଆ କର୍ମକର୍ତ୍ତା ଚୟନ

ତାଳଚେର,୩।୧୨(ନି.ପ୍ର.)- ତାଳଚେର ହାଟତୋଟାଠାରେ ମାଟିବଂଶ ଅବଧାନ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସାହିରୁ ଆସିଥିବା ମାଟିବଂଶର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଠକରେ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନିରଞ୍ଜନ ଦାସ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରକାଶ ମହାରଣା, ସାଧାରଣ ସମ୍ପାଦକ ହରେଶ ଚନ୍ଦ୍ର ଦାସ, ସହସମ୍ପାଦକ ସୌଭାଗ୍ୟ ମହାରଣା, କରୁଣାକର ବାଇ, କୋଷାଧ୍ୟକ୍ଷ ମାନସ ରଞ୍ଜନ ବାଇ, ଆଇନ ପରାମର୍ଶଦାତା ବାଉରିବନ୍ଧୁ ବେଜ, ଉପଦେଷ୍ଟା ମଣ୍ଡଳୀ ପ୍ରଭାକର ନାହାକ, ହରିହର ଦାସ, ହେମନ୍ତ ମହାରଣା, ବାବୁଲା କୁମାର ମହାରଣା, ନବୀନ ନାହାକ, ସୁଶୀଲ କୁମାର ନାଥ, ନରେଶ ନାହାକ, ଅରୁଣ ମହାରଣା, ପବିତ୍ର ନାଥ, ଶଙ୍କର ବାଇ. ଦୁଃଶାସନ ବାଇ, ଅରୁଣ ମହାରଣା, ଧରଣୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏସ୍‌ପି କାର୍ଯ୍ୟକର୍ତ୍ତା ସମ୍ମିଳନୀ

ବଆଁରପାଳ,୩।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା ନାଲ୍‌କୋନଗରଠାରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବ ଓଡ଼ିଶା କୋଅର୍ଡିନେଟର ଚମ୍ପାଲାଲ ଜୀ ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ କୁମୁଦ ଚନ୍ଦ୍ର ନାୟକ, ଉପସଭାପତି ଶରତ ଚନ୍ଦ୍ର ନାଏକ, ସତ୍ୟବାନ ଦାସ, ସନ୍ତୋଷ କୁମାର ପାଣ୍ଡେ, ଚତୁର୍ଭୁଜ ନନ୍ଦ, ହରିହର ଶତପଥୀ, ତପନ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋ କର୍ମଚାରୀଙ୍କ ମୃତ୍ୟୁ

ବଆଁରପାଳ,୩।୧୨(ଡି.ଏନ.ଏ.)- ବଜାର ଆସିଥିବା ବେଳେ ନାଲ୍‌କୋ କର୍ମଚାରୀ ନବୀନ କୁମାର କିସ୍କୁଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ସ୍ମେଲଟର ପ୍ଲାଣ୍ଟରେ ଚାକିରି କରିଥିଲେ। ରାତି ପ୍ଲାଣ୍ଟରୁ ଫେରିବା ପରେ ସକାଳେ ମାର୍କେଟିଂ ପାଇଁ ବଜାରକୁ ଆସିଥିଲେ। ସେଠାରେ ହଠାତ ଅସୁସ୍ଥ ହୋଇପଡିବାରୁ ସ୍ଥାନୀୟ ଲୋକେ ତାଙ୍କୁ ନାଲ୍‌କୋ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ଉପସଭାପତି ମନୋଜ ସ୍ୱାଇଁ ପ୍ରମୁଖ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶୋକ ପ୍ରକାଶ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା



ବଇଣ୍ଡା,୩।୧୨(ଡି.ଏନ.ଏ.)- ଆଠମଲିକ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ପ୍ରିୟମ୍ବଦା ସାହୁ ବୁଧବାର ଅବସର ଗ୍ରହଣ କରିଛନ୍ତି। ଶୁକ୍ରବାର ବିଇଓ କାର୍ଯ୍ୟାଳୟ ପରିସରରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ଦାଶରଥୀ ଶୁଣ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରିୟମ୍ବଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ସଦାଶିବ ଦଳବେହେରା, ପ୍ରମୋଦ କୁମାର ନାୟକ, ଛବି ନାରାୟଣ ସିଠ, କୈବଲ୍ୟ କଅଁର ଯୋଗଦେଇଥିଲେ।

## ନାବାଳିକା ଉଦ୍ଧାର

ବଇଣ୍ଡା,୩।୧୨(ଡି.ଏନ.ଏ.)- ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କିଶୋରନଗର ପୋଲିସ ରେଢାଖୋଲ ଅଞ୍ଚଳରୁ ଗୁରୁବାର ରାତିରେ ଉଦ୍ଧାର କରିଛି। ତାଙ୍କୁ ୧୫ ଦିନ ତଳେ କିଶୋରନଗର ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୦୦/୨୧ରେ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛି।

## ୫୮ ୟୁନିଟ୍ ରକ୍ତ ସଂଗ୍ରହ




ଛେଣ୍ଡିପଦା,୩।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ୟୁଥ ରେଡକ୍ରସ୍ ୟୁନିଟ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅଶୋକ କୁମାର ଗଡନାୟକ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମହାବିଦ୍ୟାଳୟ କର୍ମଚାରୀ, ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ୟୁଥ ରେଡକ୍ରସ୍ ୟୁନିଟ୍ ଅଧିକାରୀ ଅଧାପକ ଜଗବନ୍ଧୁ ସାହୁ, ମହାବିଦ୍ୟାଳୟର କର୍ମଚାରୀମାନେ ଶିବିରରେ ଉପସ୍ଥିତ ଥିଲେ।

# ଠିକ୍ ଭାବେ ସଫେଇ ହେଉନି ସହର

## ଲୋକଙ୍କୁ ଘାରିଲାଣି ଡେଙ୍ଗୁ ଭୟ

ଅନୁଗୋଳ ଅଫିସ, ୩।୧୨



ସହର ରାସ୍ତା ପାର୍ଶ୍ୱରେ ଆବର୍ଜନା ଗଦାହୋଇ ରହିଛି।

ଅନୁଗୋଳ ଜିଲାରୁ କେତେଜଣ ଡେଙ୍ଗୁ ରୋଗୀ ବାହାରିଲେଣି। ସେମାନେ ବିଭିନ୍ନ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସୂଚନା ମିଳିଥିଲେ ମଧ୍ୟ ପ୍ରଶାସନ ନିକଟରେ ଏ ନେଇ ଉପଯୁକ୍ତ ତଥ୍ୟ ପହଞ୍ଚିନାହିଁ। ଏପରି କି ଡେଙ୍ଗୁ ଯେପରି ନ ବ୍ୟାପିବ ସେ ନେଇ ସ୍ୱାସ୍ଥ୍ୟ ପ୍ରଶାସନ କିମ୍ବା ପୌର ପ୍ରଶାସନ ପକ୍ଷରୁ ସେପରି ଉଦ୍ୟମ କରାଯାଉ ନାହିଁ। ସହର ସଫେଇ ଠିକ୍ ଭାବେ ହେଉ ନ ଥିବାରୁ ଓ ଚାରିଆଡ଼େ ଆବର୍ଜନା ଗଦା ହୋଇ ରହୁଥିବାରୁ ଆଗାମୀ ଦିନରେ ଡେଙ୍ଗୁ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ଅନୁଗୋଳ ସହରରେ ପରିମଳ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅମଲାପଡ଼ା, ଡେଲିମାର୍କେଟ, ହେମସୁରପଡ଼ା, ବଜାର ଅଞ୍ଚଳ, ଶିମିଳପଡ଼ା, ବସ୍‌ଷ୍ଟାଣ୍ଡ, ଗାନ୍ଧୀମାର୍ଗ, ମିଶ୍ରପଡ଼ା, ହୁଲୁରୁସିଂହା ଛକରେ କୁଢ଼ କୁଢ଼ ଅଳିଆ ଗଦାହୋଇ ରହୁଛି। ଅସ୍ୱାସ୍ଥ୍ୟକର ପରିବେଶ ସହ ମଶା ବଂଶ ବୃଦ୍ଧି ପାଉଛି। କିନ୍ତୁ ଏ ନେଇ ପୌର ପ୍ରଶାସନ ଦୃଷ୍ଟି ଦେଉନାହିଁ। ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର କର୍ମଚାରୀମାନେ ଠିକ୍ ଭାବେ ସଫେଇ କରୁଛନ୍ତି କି ନାହିଁ ତାହା ସଂସ୍ଥା କର୍ତ୍ତୃପକ୍ଷ ତଦାରଖ କରୁନାହାନ୍ତି। ପୌର ପରିମଳ ବିଭାଗ କର୍ମଚାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କାର୍ଯ୍ୟ ଦିଆଯାଇଥିବାରୁ ସେ ପରିମଳ ବ୍ୟବସ୍ଥା ସମ୍ପର୍କରେ ଠିକ୍ ଭାବେ ଅବଗତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ମଶା ମାରିବାକୁ ଟିଫା ମେଶିନ ଥିଲେ ମଧ୍ୟ ଥରୁଟିଏ ହେଲେ ସହରରେ ବୁଲାଯାଉ ନାହିଁ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଠିକା ସଂସ୍ଥାକୁ ୭ ଦିନ ମଧ୍ୟରେ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବହେଳା ପ୍ରଦର୍ଶନ ହୋଇଥିବା ଦୃଷ୍ଟିକୁ ଆସିଲେ ପାଉଣା ବନ୍ଦ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡେଙ୍ଗୁ ରୋଗୀ ଚିକିତ୍ସାଧୀନ ସମ୍ପର୍କରେ ଅବଗତ ଅଛୁ। କିନ୍ତୁ ସମ୍ପୂର୍ଣ୍ଣ ବିବରଣୀ ମିଳିନାହିଁ। ରୋଗୀଙ୍କ ତଥ୍ୟ ଠିକ୍ ଭାବେ ଦେବାକୁ ବିଭିନ୍ନ ନର୍ସିଂହୋମ୍‌କୁ ଚିଠି କରାଯାଇଛି।

# ଭିନ୍ନକ୍ଷମ ଶିଶୁମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ

ଅନୁଗୋଳ ଅଫିସ, ୩।୧୨

ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଜିନ୍ଦଲ ନଗର ପରିସରରେ ଥିବା ଆଶା ଦି ହୋପ କେନ୍ଦ୍ର ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଏସ୍‌ଏସ୍‌ଓ ନାରାୟଣ ମହାପାତ୍ର, ଅନିତା ମିଉଲ, ଅନିନ୍ଦିତା ବନ୍ଦୋପାଧ୍ୟାୟ, ଓପି ଜିନ୍ଦଲ ସ୍କୁଲ ଅଧକ୍ଷ ଅତନୁ ରଥ, ସିଏମ୍‌ଓ ଜେଏସ୍‌ପିଏଲ୍ ଓଏଚ୍‌ସି ଡାକ୍ତର କୃଷ୍ଣ ପ୍ରସାଦ ବେହେରା ଏବଂ ଜିଏମ୍ ସିଏସ୍‌ଆର୍ ପୁଷ୍ପା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କ ପାଇଁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିଶୁମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଜେଏସ୍‌ପିଏଲ୍ ପ୍ଲାଣ୍ଟ ଓଡିଶା, ଛତିଶଗଡ ଏବଂ ଝାଡଖଣ୍ଡ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବସବାସ କରୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିଶୁମାନେ ଆଶା ଦି ହୋପ କେନ୍ଦ୍ର ମାଧ୍ୟମରେ ଲାଭାନ୍ୱିତ ହେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜାନୁୟାରୀ ୨୮ରୁ ଲୋକକଳା ମହୋତ୍ସବ

ଅନୁଗୋଳ ଅଫିସ, ୩।୧୨

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲାରେ ଜାନୁୟାରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଲୋକକଳା ମହୋତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲା ସଂସ୍କୃତି ପରିଷଦର ସଦସ୍ୟମାନଙ୍କୁ ନେଇ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଷ୍ଟାଡିୟମରେ ଏହି ମହୋତ୍ସବ ସହ ୫ ଦିନ ଧରି ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜନ କରାଯିବ। ଏ ନେଇ ମଶାଲ ଶୋଭାଯାତ୍ରା ଜାନୁୟରୀ ୧୪ ତାରିଖରେ ଅନୁଷ୍ଠିତ ହେବ। କୋଭିଡ୍ ନିୟମାବଳୀ ଅନୁସରଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ହୁଲୁରସିଂହାଠାରେ ନିର୍ମାଣାଧୀନ ଅତ୍ୟାଧୁନିକ ପାଠାଗାର ଓ ବିଶ୍ୱସ୍ତରୀୟ ସଂଗ୍ରହାଳୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଜିଲା ସଂସ୍କୃତି ଅଧିକାରୀ ସରିତା ପ୍ରଧାନଙ୍କ ସମେତ ଜିଲା ସଂସ୍କୃତି ପରିଷଦର ସଦସ୍ୟ ଓ ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତିମାନେ ଉପସ୍ଥିତ ଥିଲେ।

# ଏସ୍‌ପି ଅଫିସ ଘେରାଉ

ଅନୁଗୋଳ ଅଫିସ, ୩।୧୨

କଣିହାଁ ବ୍ଲକ ରେଙ୍ଗାଳି ଥାନା ଖାଲପାଳ ଗ୍ରାମର ସାବିତ୍ରୀ ସାହୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ ବ୍ଲକ କମିଟି ନେତୃତ୍ୱରେ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଖାଲପାଳ ଗ୍ରାମର ମହିଳା ଓ ପୁରୁଷମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସଙ୍ଗଠନ ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳ ସଭାପତିତ୍ୱ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବ କିଶୋର ପ୍ରଧାନ, ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଗଦାଶିଳା ସରପଞ୍ଚ ଜେମାମଣି ନାଏକଙ୍କୁ ପୋଲିସ ବାଟରେ ଅଟକାଇବା ଘଟଣାକୁ ନିନ୍ଦା କରାଯାଇଥିଲା। ଅନୁଗୋଳ ପୋଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ତ୍ରିପାକ୍ଷିକ ଆଲୋଚନା

ଅନୁଗୋଳ ଅଫିସ, ୩।୧୨

ଜେଏସ୍‌ପିଏଲ୍ ଦ୍ୱାରା ଜମି ହରାଇଥିବା ଜରଡା ଗ୍ରାମବାସୀଙ୍କ ସମସ୍ୟା ନେଇ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜରଡା ଗ୍ରାମବାସୀ ଓ ଜେଏସ୍‌ପିଏଲ୍ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ନିଯୁକ୍ତି ଓ ଥଇଥାନ ସମ୍ପର୍କରେ ଦାବି ଉପସ୍ଥାପନ ହୋଇଥିଲା। ପ୍ରଜା ସଂଘ ତାଲିକା ଦେଲେ ୨ ମାସ ମଧ୍ୟରେ ଏହାର ତର୍ଜମା କରାଯାଇ ଜିଲାପାଳଙ୍କୁ ତାଲିକା ପ୍ରଦାନ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଜେଏସ୍‌ପିଏଲ୍ ସହିତ ନିଯୁକ୍ତି ପାଇଁ ଆଲୋଚନା କରି ସମାଧାନର ପନ୍ଥା ବାହାର କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ମହାବନ୍ଧ ବଦଳରେ ଗ୍ରାମରେ ଥିବା ୧୮ ଏକର ଅନ୍ୟ ଏକ ବନ୍ଧକୁ ପୁନରୁଦ୍ଧାର କରାଯିବ। ଖେଳପଡିଆକୁ ଆଲୋକୀକରଣ, ପାନୀୟ ଜଳ ପାଇଁ ନଳକୂପ ବ୍ୟବସ୍ଥା କରାଯିବ। ଗୋଚର ଓ ସରକାରୀ ଜାଗା ଜେଏସ୍‌ପିଏଲ୍ ଅଧୀନରେ ଥିବାରୁ ଉପଜିଲାପାଳ ଓ ବଆଁରପାଳ ତହସିଲଦାର ଏହାକୁ ତର୍ଜମା କରି ରିପୋର୍ଟ ପ୍ରଦାନ କରିବେ। ଜେଏସ୍‌ପିଏଲ୍ ପରିସରରେ ଥିବା ପରିବାରଗୁଡିକୁ ବିସ୍ଥାପିତ ପରିବାରରେ ଅନ୍ତର୍ଭୁକ୍ତ କରି ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୩ ବର୍ଷ ଚାକିରି କରିଥିବା ଦକ୍ଷ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଜେଏସ୍‌ପିଏଲ ନିର୍ବାହୀ ନିର୍ଦ୍ଦେଶକ ଦିବେଶ୍ୱର ଝା, ଡେପୁଟି କଲେକ୍ଟର ବଇତୁରା ଦୀପ, ବଆଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ବିସ୍ଥାପିତ ଗ୍ରାମ କମିଟି ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ରମାକାନ୍ତ ପ୍ରଧାନ ଓ ଗ୍ରାମ ସଭାପତି ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସହ ଜେଏସ୍‌ପିଏଲ୍ ଅଧିକାରୀ ଏବଂ ଗ୍ରାମ କମିଟି କର୍ମକର୍ତ୍ତାମାନେ।

# ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଆଠମଲ୍ଲିକ,୩।୧୨(ଡି.ଏନ.ଏ.)

ଆଠମଲ୍ଲିକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଭାରତରେ ଦୁର୍ନୀତି' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଆଦିତ୍ୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଗଗନ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଠମଲ୍ଲିକ ଉପକୋଷାଗାର ଅଧିକାରୀ ମଧୁସ୍ମିତା ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତରେ ଘଟୁଥିବା ବିଭିନ୍ନ ପ୍ରକାରର ଦୁର୍ନୀତିର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଅଧାପକ ଡ. ଅଜୟ କୁମାର ଦାସ, ମନ୍ମଥ ପାଲଙ୍କ ସମେତ ରାଜନୀତି ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧାପକ ଡ. ଅଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ଅନୁଗୋଳ ଅଫିସ, ୩।୧୨



ବୈଠକରେ ଉପସ୍ଥିତ ଜିଲା କଂଗ୍ରେସ କର୍ମକର୍ତ୍ତାମାନେ।

ଅନୁଗୋଳ କଂଗ୍ରେସ ଭବନଠାରେ ଜିଲା କଂଗ୍ରେସ କମିଟିର ସମ୍ବର୍ଦ୍ଧନା ଉତ୍ସବ ସହ କାର୍ଯ୍ୟକାରିଣୀ ବୈଠକ ସଭାପତି ବିପ୍ଳବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ବିଶ୍ୱ ଭୂଷଣ ଦାସ ଓ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଦେଶ କଂଗ୍ରେସ ଓବିସି ସେଲ୍ ଅଧକ୍ଷ ଜ୍ଞାନଦେବ ବେହୁରିଆ, ନିଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କଂଗ୍ରେସର ସମସ୍ତ କାର୍ଯ୍ୟକର୍ତ୍ତା, ବ୍ଲକ ସଭାପତି ଓ ପଞ୍ଚାୟତ ସଭାପତିମାନେ ଉପସ୍ଥିତ ରହି ପଞ୍ଚାୟତ ଏବଂ ପୌର ନିର୍ବାଚନ ଉପରେ ଆଲୋଚନା କରିଥିଲେ। ଜିଲା ଉପସଭାପତି ସୁନୀଲ ପ୍ରଧାନ ସଭା ପରିଚାଳନା କରିଥିଲେ। ପ୍ରଦେଶ କଂଗ୍ରେସ ସମ୍ପାଦିକା ସୁକାନ୍ତୀ ଦାସ, ଅମ୍ବିକା ଭଞ୍ଜ, ଦିଲୀପ ରାଉତ, ଚିତ୍ତରଞ୍ଜନ ନାଏକ, ତପନ ପ୍ରଧାନ, ଗୋପାଳ ନାଥ, ଧର୍ମେନ୍ଦ୍ର ମିଶ୍ର, ନୀଳକଣ୍ଠ ନାଏକ, ଟିକନ ବେହେରା, ଉମେଶ ସାହୁ, ଦାଶରଥି ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା, ବଆଁରପାଳ ବ୍ଲକ ସଭାପତି ବିନୋଦ ମାଝି, ତାଳଚେର ସଭାପତି ଜ୍ଞାନ ରଞ୍ଜନ ପାଣ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଡ୍‌ଭୋକେଟ ଗୀତାଞ୍ଜଳି ବାଗଙ୍କ ସମେତ ଅନ୍ୟ କେତେଜଣ କଂଗ୍ରେସରେ ଯୋଗ ଦେଇଥିଲେ।

# ପ୍ରତିଭା ସମ୍ମାନ ଉତ୍ସବ

ଅନୁଗୋଳ ଅଫିସ, ୩।୧୨

ଅନୁଗୋଳ ଟାଉନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୀମା ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଉଦ୍ଧବ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ବ୍ଲକ ସାଧନ ଶିକ୍ଷକ ପତିତପାବନ ବାଡିଆ ଓ ରଘୁନାଥ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୬୩ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ କୃତିତ୍ୱ ପ୍ରମାଣପତ୍ର ସହିତ ପୁରସ୍କାର ବିତରଣ କରାଯାଇଥିଲା। ଶ୍ରେଷ୍ଠ ଶିକ୍ଷକ ଭାବେ ଦିଲୀପ କୁମାର ପ୍ରଧାନ, ଶ୍ରେଷ୍ଠ ଅଭିଭାବକ ଭାବେ ନନ୍ଦଲାଲ ଶର୍ମା ଓ ଶ୍ରେଷ୍ଠ ଆଇଇଭି ଭାବେ ସ୍ନେହଲତା ସେଠୀଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।



ଦୁଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

କଣିହାଁ,୩।୧୨(ଡି.ଏନ.ଏ.)

କଣିହାଁ ଏନ୍‌ଟିପିସି ତରଫରୁ 'ଶକ୍ତି ସଂରକ୍ଷଣ' ଉପରେ ଏକ ରାଜ୍ୟସ୍ତରୀୟ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଶକ୍ତି ଦକ୍ଷତା ବ୍ୟୁରୋ ସହାୟତାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଡିଏଭି ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦେଶରେ ଶକ୍ତି ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣର ଆବଶ୍ୟକତା ଏବଂ ଶକ୍ତି ସଂରକ୍ଷଣ ବିଷୟରେ ସଚେତନ କରାଇବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଡିସେମ୍ବର ୮ରେ ରାଜ୍ୟସ୍ତରରେ ବିଜେତାମାନଙ୍କୁ ଚୟନ କରାଯିବ। ଏହାପରେ ସେମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଜଣାପଡ଼ିଛି।

# ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବଣ୍ଟନ

ଆଠମଲ୍ଲିକ/ ଛେଣ୍ଡିପଦା
୩।୧୨(ଡି.ଏନ.ଏ.)

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଆଠମଲ୍ଲିକ ବ୍ଲକ ସଭାଗୃହ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଓ ବରିଷ୍ଠ ନାଗରିକ ସହାୟତା ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ କୁମାର ବଘାର, ଏବିଡିଓ ଦିଲୀପ କୁମାର ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଓ ପ୍ରୋଗ୍ରାମ ସହାୟକ ପ୍ରିୟଦର୍ଶୀ ସାମଲ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କୁ ୯ଟି ତିନିଚକିଆ ସାଇକେଲ, ୧୦ ହୁଇଲ ଚେୟାର, ୮୪ ଜଣଙ୍କୁ ପରିଚୟ ପତ୍ର, ୯ ଦୃଷ୍ଟିବାଧିତଙ୍କ ପାଇଁ ଆଶାବାଡ଼ି ପ୍ରଦାନ କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଛେଣ୍ଡିପଦା ପଞ୍ଚାୟତ ଅଫିସ ପରିସରରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷା ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମାଛକୁଟା ସମିତିସଭ୍ୟ ଭଜମନ ଗଡ଼ନାୟକ, ବ୍ଲକ ଆକାଉଣ୍ଟାଣ୍ଟ ପରମାନନ୍ଦ ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଭିନ୍ନକ୍ଷମମାନଙ୍କୁ ସାଇକେଲ, ହ୍ୱିଲ ଚେୟାର୍ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚିରୋଲିମା ପ୍ରିୟଦର୍ଶିନୀ ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶାନ୍ତନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆଠମଲ୍ଲିକଠାରେ ଜଣେ ଭିନ୍ନକ୍ଷମଙ୍କୁ ଅତିଥିମାନେ ସହାୟତା ପ୍ରଦାନ କରୁଛନ୍ତି।

# ୨୩ରେ ଅନୁଗୋଳ-ଭୁବନେଶ୍ୱର ବସ୍ ବନ୍ଦ

- ରାଜପଥ ସମ୍ପ୍ରସାରଣ ତ୍ୱରାନ୍ୱିତ ହେଉ ନ ଥିବାର ପ୍ରତିବାଦ
- ୨୪ରୁ ବସ୍‌ରେ ବନ୍ଧାଯିବ କଳାବ୍ୟାଜ୍
- ପଦକ୍ଷେପ ନିଆ ନ ଗଲେ ନୂଆବର୍ଷରୁ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ

ଅନୁଗୋଳ ଅଫିସ, ୩।୧୨

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ଶେଷ ହେଉନାହିଁ। ଏପରି କି କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବାରୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାଜପଥ ଦେଇ ଦୈନିକ ଅନୁଗୋଳରୁ କଟକ ଓ ଭୁବନେଶ୍ୱର ଯାଉଥିବା ବସ୍‌ଗୁଡ଼ିକରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଉଛି। ଏପରି ଅବସ୍ଥାରେ କୋଭିଡ୍ କଟକଣା ଅନୁଯାୟୀ ଯାତ୍ରୀ ପରିବହନ କରିବା ବସ୍ ମାଲିକମାନଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ଆସନ୍ତା ୨୩ ତାରିଖରେ ଅନୁଗୋଳରୁ କଟକ ଓ ଭୁବନେଶ୍ୱରକୁ ବସ୍ ଚଳାଚଳ ବନ୍ଦ ରଖାଯିବ ବୋଲି ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଅନୁଗୋଳଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସଂଘ ପକ୍ଷରୁ କୁହାଯାଇଛି, ଗତମାସ ୧୧ ତାରିଖରେ ସଚିବାଳୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୨ ଜୁନ ଶେଷ ସୁଦ୍ଧା ରାଜପଥ ସମ୍ପ୍ରସାରଣ ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଅଦ୍ୟାବଧି କାର୍ଯ୍ୟ ଆଗେଇପାରି ନାହିଁ। ତେଣୁ ଆସନ୍ତା ୨୩ ତାରିଖରେ ଅନୁଗୋଳରୁ କଟକ ଓ ଭୁବନେଶ୍ୱରକୁ ବସ୍ ଚଳାଚଳ ବନ୍ଦ ରଖାଯିବ। ୨୪ ତାରିଖରୁ ଚଳାଚଳ କରୁଥିବା ସମସ୍ତ ବସ୍‌ରେ କଳା ବ୍ୟାଜ ବନ୍ଧା ଯାଇ ପ୍ରତିବାଦ କରାଯିବ। ଏହାସତ୍ତ୍ୱେ କାର୍ଯ୍ୟ ତ୍ୱରାନ୍ୱିତ କରା ନ ଗଲେ ୨୦୨୨ ଜାନୁୟାରୀ ୧ରୁ ଅନୁଗୋଳରୁ କଟକ ଓ ଭୁବନେଶ୍ୱରକୁ କୌଣସି ବସ୍ ଗଡ଼ିବ ନାହିଁ। ଆସନ୍ତା ସୋମବାର ରାଜ୍ୟ ସରକାରଙ୍କୁ ଏ ନେଇ ଦାବିପତ୍ର ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ଶ୍ରୀକାନ୍ତ କୁମାର ପାଣି, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ, ସହ କୋଷାଧ୍ୟକ୍ଷ ଅଜୟ ବାରିକ, ମୁଖପାତ୍ର ଦେବାଶିଷ ନାୟକ, ଢେଙ୍କାନାଳ ସଂଘ ସଭାପତି ପ୍ରଭାକର ବେହେରା, ଅନୁଗୋଳ ସଂଘ ସଭାପତି ମାନସ ସାମଲ, ସମ୍ପାଦକ ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ।

# ନଗର ମଣ୍ଡଳ କମିଟି ଗଠିତ

ଅନୁଗୋଳ ଅଫିସ, ୩।୧୨

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅନୁମୋଦନ କ୍ରମେ ଜିଲା ଯୁବ ମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ ଓ ଅନୁଗୋଳ ନଗର ମଣ୍ଡଳ ଯୁବ ସଭାପତି ଗୋପାଳକୃଷ୍ଣ ଦାସଙ୍କ ଉପସ୍ଥିତିରେ ଭାଜପା ଯୁବ ମୋର୍ଚ୍ଚା ଅନୁଗୋଳ ନଗର ମଣ୍ଡଳର ନୂତନ କମିଟି ଗଠନ କରାଯାଇଛି। କମିଟି ଉପସଭାପତି ଭାବେ ଭୀମସେନ ବେହେରା ଓ ପ୍ରଶାନ୍ତ ବେହେରା, ସାଧାରଣ ସମ୍ପାଦକ ଚିନ୍ମୟ ପାଢି, ସମ୍ପାଦକ ଆଦର୍ଶ କୁମାର ସାହୁ, ଦୀପକ କୁମାର ସାହୁ, ରାହୁଲ କୁମାର ଦାସ, ସଞ୍ଜୟ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ଦିବ୍ୟଜ୍ୟୋତି ନାୟକଙ୍କୁ ଚୟନ କରାଯାଇଛି। ସଂଯୋଜକ ଭାବେ ଶରତ ସାହୁ, ବିକାଶ ଦେହୁରୀ, ସନ୍ତୋଷ ଗଉଡ, ସୋମନାଥ ବେହେରା, ଅବିନାଶ ମହାନ୍ତି, ମାନସ ନାଏକ, ଜଗନ ଓଝା, ମିଳନ ସାହୁ, ସମରେନ୍ଦ୍ର ପ୍ରଧାନ ଓ ସୁମିତ ଥମ୍ବ ଏବଂ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ନେଇ ନଗର ମଣ୍ଡଳର ଯୁବ ମୋର୍ଚ୍ଚା କମିଟି ଗଠିତ ହୋଇଛି ବୋଲି ପ୍ରଧାନ କହିଛନ୍ତି।

